# ଅସଲି ଓ ନକଲି ଚାଷୀ ସମାବେଶ

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ନବନିର୍ମାଣ କୃଷକ ସଂଗଠନର ଦୁଇ ଦିନିଆ ସତ୍ୟାଗ୍ରହ ଆଜିଠାରୁ ଆରମ୍ଭ ହେଉଛି। ଲକ୍ଷ୍ୟ କରିବାର କଥା ଯେ ଆସନ୍ତାକାଲିଠାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଚାଷୀ ଭାଇମାନଙ୍କୁ ନେଇ କଳାହାଣ୍ଡି ଜିଲ୍ଲାରେ ଦୁଇଟି ସରକାରୀ କାର୍ଯ୍ୟକ୍ରମ ରଖିଛନ୍ତି। ଆସନ୍ତା ୨୧ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ବରଗଡ଼ଠାରେ ଏକ ଚାଷୀ ସମାବେଶରେ ଯୋଗ ଦେବା ପାଇଁ ପୁଣି ଓଡ଼ିଶା ଆସୁଛନ୍ତି। ଏହା ପୂର୍ବରୁ ଆମ୍ଭମାନଙ୍କର ମନେଅଛି କଂଗ୍ରେସର ଉପସଭାପତି ରାହୁଲ ଗାନ୍ଧି ମଧ୍ୟ ବରଗଡ଼ ଜିଲ୍ଲାକୁ ଆସି ଚାଷୀ ସମାବେଶରେ ଯୋଗ ଦେଇ ଯାଇଛନ୍ତି। ତାଙ୍କୁ ପାଲଟା ଜବାବ ଦେବା ପାଇଁ ବିଜେଡି ତରଫରୁ ମଧ୍ୟ ଅନୁରୂପ ଏକ ସମାବେଶର ଆୟୋଜନ କରାଯାଇ ସାରିଛି। ତେବେ ନବନିର୍ମାଣ କୃଷକ ସଂଗଠନ ଓ ପ୍ରମୁଖ ରାଜନୈତିକ ଦଳମାନଙ୍କର ସମାବେଶ ଭିତରେ ତଫାତ୍ କଣ? ଆମ ବିଚାରରେ ପ୍ରମୁଖ ରାଜନୈତିକ ଦଳମାନେ ଚାଷୀମାନଙ୍କ ପାଇଁ କାନ୍ଦୁଛନ୍ତି ବୋଲି ଦେଖେଇ ହେଉଛନ୍ତି ସତ, କିନ୍ତୁ କାହା ଆଖିରୁ ଲୁହ ବାହାରୁନାହିଁ। ଯାତ୍ରା ପାର୍ଟିର ଅଭିନେତାଙ୍କ ପରି ଆଖିରେ ପିପରମେଣ୍ଟ୍ ଦେଇ କାନ୍ଦିବାର ଅଭିନୟ କରୁଛନ୍ତି ମାତ୍ର। ନବନିର୍ମାଣ କୃଷକ ସଂଗଠନ ଗତ କିଛି ବର୍ଷ ଧରି ଚାଷୀ ଭାଇମାନଙ୍କର ମୌଳିକ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କରି ଆସୁଛି। ସେମାନେ ମୁଖ୍ୟତଃ ତିନିଟି କଥା ଉପରେ ଜୋର୍ ଦେଉଛନ୍ତି। ଚାଷୀକୁ ଯେପର୍ଯ୍ୟନ୍ତ ପ୍ରାଇସ୍, ପ୍ରେସ୍ଟିଜ୍ ଏବଂ ପେନ୍‌ସନ୍ ମିଳିବାର ବ୍ୟବସ୍ଥା ହୋଇ ନାହିଁ, ସେ ପର୍ଯ୍ୟନ୍ତ ଆମ ସମସ୍ୟାର ସମାଧାନ ହେଇ ପାରିବ ନାହିଁ। ଚାଷୀ ତାର ଉତ୍ପାଦର ଉଚିତ ମୂଲ୍ୟ ନ ପାଇଲେ ଚାଷ ଅର୍ଥନୈତିକ ଦୃଷ୍ଟିକୋଣରୁ ଗ୍ରହଣୀୟ ହୋଇ ରହିବ ନାହିଁ ଏବଂ ଚାଷ ପ୍ରତି ସ୍ୱାଭାବିକ ଭାବରେ ବିମୁଖ ହେବ। ଆଜି ପାଞ୍ଚ ଦଶ ଏକର ଜମି ଥିବା ପରିବାର ଚାଷ ଉପରେ ନିର୍ଭର କରି ରହିପାରୁ ନାହିଁ। ଦିନ ଥିଲା ଏଥିରୁ ସେ ପରିବାର ଚଳାଇବା ସହିତ ପିଲାମାନଙ୍କୁ ପାଠ ପଢ଼ାଉଥିଲା ଏବଂ ଝିଅ ବାହାଘର କରିବାକୁ ସମର୍ଥ ଥିଲା। ଆଜି କିନ୍ତୁ ସେକଥା ନାହିଁ। ଚାଷୀ ଏ ବୃତ୍ତି ଅତିରିକ୍ତ ଅନ୍ୟ ଅର୍ଥକାରୀ କାର୍ଯ୍ୟ କଥା ଚିନ୍ତା କରିବାକୁ ବାଧ୍ୟ ହେଉଛି। ଜାତି ଯାଉଛି ଅଥଚ ପେଟ ପୂରୁନାହିଁ। ଏଭଳି ପରିସ୍ଥିତିରେ ତାର ସାମାଜିକ ପ୍ରତିଷ୍ଠାରେ ଆଞ୍ଚ୍ ଆସୁଛି ଏବଂ ସମ୍ମାନହାନି ଘଟୁଛି। ବୟସ ଗଡ଼ିଗଲେ ଚାଷୀଭାଇ କ୍ଷେତରେ କାମ କରିବାକୁ ଆଉ ସମର୍ଥ ହେଉ ନାହିଁ। କିନ୍ତୁ ଅନ୍ୟ ବୃତ୍ତିମାନଙ୍କ ପରି ପେନ୍‌ସନ୍ କିମ୍ବା ବୀମାଭୁକ୍ତ ସାମାଜିକ ସୁରକ୍ଷା ଚାଷୀ ଭାଇମାନଙ୍କର ନାହିଁ। ସେଥିପାଇଁ ଚାଷୀ ଭାଇମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାଭୁକ୍ତ କରିବା ପଛରେ ଦୃଢ଼ ଯୁକ୍ତି ଅଛି। ଆଜିର ରାଜନୈତିକ ଦଳଗୁଡ଼ିକ ଚାଷୀ ଭାଇମାନଙ୍କର ସମର୍ଥନ ପାଇବା ପାଇଁ ଅନେକ କଥା କହୁଛନ୍ତି ସତ, କିନ୍ତୁ ସେଥିରେ ଆଦୌ ଆନ୍ତରିକତା ନାହିଁ। ତା ନହୋଇଥିଲେ ୨୦୦ରୁ ଅଧିକ ଚାଷୀ ଭାଇଙ୍କର ଆତ୍ମହତ୍ୟା କଥାକୁ ସରକାର ଅସ୍ୱୀକାର କରୁ ନଥାନ୍ତେ। ମୟୂର ମରିଗଲେ ସରକାରଙ୍କର ଚିନ୍ତା ବଢ଼ୁଛି। ବିଭାଗୀୟ ଅନୁସନ୍ଧାନ ପାଇଁ ଦାବି ହେଉଛି। ହାତୀ ମରିଗଲେ ଜଙ୍ଗଲ ବିଭାଗ ଉଠ୍‌ବସ୍ ହେଉଛି ଏବଂ ଏ ପ୍ରକାର ଅପବାଦରୁ ମୁକ୍ତି ପାଇବା ପାଇଁ କାର୍ଯ୍ୟକ୍ରମ କଥା ଚିନ୍ତା କରାଯାଉଛି। ଅଥଚ ୨୦୦ରୁ ଅଧିକ ଚାଷୀଭାଇଙ୍କର ଆତ୍ମହତ୍ୟା ଘଟଣା ଆମକୁ ବ୍ୟଥିତ କି ବିବ୍ରତ କରୁନାହିଁ। ଏ ପ୍ରକାର ବିଡ଼ମ୍ବନାର କାରଣ କଣ? ଆମ ବିଚାରରେ ସରକାରଙ୍କର ବାରମ୍ବାର କୃଷିକର୍ମଣ ପୁରସ୍କାର ପାଇବା ହୁଏତ ଏ ପ୍ରକାର ସମ୍ବେଦନହୀନ ମାନସିକତାର କାରଣ ହୋଇପାରେ। ସରକାର ଯେଉଁ ପୁରସ୍କାର ପାଉଛନ୍ତି ତାହା ତିନି ଜଣଙ୍କ ଦୌଡ଼ରେ ତୃତୀୟ ହେଲା ଭଳି କଥା। କାରଣ ଯେଉଁ ରାଜ୍ୟମାନଙ୍କର ବର୍ଗରେ ଆମେ ଏ ପୁରସ୍କାର ପାଉଛୁ ତାହା ଉତ୍ତରପୂର୍ବାଞ୍ଚଳର ଛୋଟ ଛୋଟ ରାଜ୍ୟମାନଙ୍କୁ ନେଇ ହୋଇଛି। ଚାଷୀ ଆତ୍ମହତ୍ୟା ଘଟଣାକୁ ସ୍ୱୀକାର କଲେ କୃଷିକର୍ମଣ ପୁରସ୍କାର ଏବଂ ସେ ନେଇ ଆତ୍ମ ପ୍ରଚାରର ସୁଯୋଗ ପାଣିଚିଆ ହେଇଯିବ। ନବନିର୍ମାଣ କୃଷକ ସଂଗଠନ ସରକାରଙ୍କୁ ବହୁ ପୂର୍ବରୁ ଏହି ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରି ଆଲୋଚନା କରିବା ପାଇଁ ଆହ୍ୱାନ ଦେଇଥିଲା। ୧୭ ତାରିଖ ପୂର୍ବରୁ କୌଣସି ପ୍ରତିଶ୍ରୁତି ନମିଳିଲେ ସତ୍ୟାଗ୍ରହ ପାଇଁ ରାଜରାସ୍ତାକୁ ଓହ୍ଲାଇବ ବୋଲି ସୂଚନା ଦେଇଥିଲା। ଅହଂକାରୀ ସରକାର ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ଓଲଟା ସେମାନେ ସରକାରୀ କଳ ଓ ଅର୍ଥବଳକୁ ପ୍ରୟୋଗ କରି ସମାନ୍ତରାଳ ସମାବେଶ ମାଧ୍ୟମରେ ଜବାବ ଦେବା ପାଇଁ ଅଧିକ ଉଚିତ ମନେ କରୁଛନ୍ତି। କେନ୍ଦ୍ରରେ କ୍ଷମତାସୀନ ବିଜେପି ଦଳ ମଧ୍ୟ ଅନୁରୂପ ଭାବେ ବିପୁଳ ଅର୍ଥ ବ୍ୟୟ କରି ସମାବେଶ ଆୟୋଜନ କରିବା ପାଇଁ ଆଗେଇ ଆସିଛନ୍ତି। ଓଡ଼ିଶାର ଚାଷୀକୂଳ ପ୍ରତି ଏହା ନିଷ୍ଠୁର ଉପହାସ ଛଡ଼ା ଅନ୍ୟ କିଛି ନୁହେଁ। ଆମ ବିଚାରରେ ଆସନ୍ତା କେଇ ଦିନ ଭିତରେ ଓଡ଼ିଶାବାସୀ ଦୁଇ ରକମର ଚାଷୀ ସମାବେଶ ଦେଖିବେ। ଗୋଟିଏ ଅସଲି ଓ ଅନ୍ୟଟି ନକଲି। କେଉଁଟି ଅସଲି ଏବଂ କେଉଁଟି ନକଲି ତାହା ପରଖି ଦେଖିବା ପାଇଁ ଆମେ ଓଡ଼ିଶାବାସୀଙ୍କୁ ଆହ୍ୱାନ କରୁଛୁ।